# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୦ ଜାନୁଆରୀ ୨୦୨୬ ● ମଙ୍ଗଳବାର


## ମାଟି ମିଶା ଗୋଡିରେ ପଡୁଛି ଢଳେଇ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



**ମାହାଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ଜଳସେଚନର ସୁବିଧା ଦୃଷ୍ଟିରୁ କାଡା ବିଭାଗ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରି କାଡା ନାଳିର ପୁନଃ ଉଦ୍ଧାର ଓ ଉନ୍ନତି କରଣ ଆଦି କାର୍ଯ୍ୟ କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀ ଓ ପାଣି ପଂଚାୟତ ଠିକାଦାରଙ୍କ ସଲାସୁତରାରେ ତାହା ବାଟ ବଣା ହେବାରେ ଲାଗିଛି। ଯାହାକି ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଧିନ ଗୌଡପଡା ଠାରେ ସାଲେପୁର କାଡା ବିଭାଗ ଅଧିନ ଓ ଗଙ୍ଗେଶ୍ୱର ପାଣି ପଂଚାୟତ ଅଧିନରେ କାର୍ଯ୍ୟ ହେଉଥିବା □କାଡା ନାଳି ଢଳାଇ କାର୍ଯ୍ୟରେ। ଖବରରୁ ପ୍ରକାଶ ଯେ ଏହି ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ କରାଯାଉଛି। ଏଠାରେ ବ୍ୟବହାର ହେଉଥିବା ସାମଗ୍ରୀଗୁଡିକ ସଠିକ୍ ଭାଗ ମାପରେ କରାଯାଉନଥିବା ବେଳେ ମାଟି ମିଶା ଗୋଡିରେ ଢଳେଇ ପକାଯାଉଛି। ଏପରିକି ଢଳାଇରେ ଚିପ୍ସ ସହିତ ଚିଲା ମେଟାଲ ମିଶାଇ ଢଳାଇ କରାଯାଉଛି। ସେହିପରି ଢଳେଇ ନାଳୀରେ ଆବଶ୍ୟକ ମୁତାବକ ଲୁହା ରଡ ବ୍ୟବହାର କରୁଯାଉନଥିବା ଦେଖାଯାଇଛି। ଯଦି ଏପରି ନିମ୍ନମାନର କାର୍ଯ୍ୟ କରାଯାଏ ତେବେ କାଡା ନାଳୀର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଭବିଷ୍ୟତରେ ଚାଷୀଙ୍କ କ୍ଷେତକୁ ଜଳସେଚିତ କରାଯିବାରେ ବାଧା ଉପୁଜିବ। ଏପରିକି ଢଳାଇ ସମୟରେ ବିଭାଗୀୟ କୌଣସି କର୍ମଚାରୀ କିମ୍ବା ଅଧିକାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏହା ଉପରେ ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବୀ ହୋଇଛି।

## ପ୍ରାଚୀ ପୀଠରେ ମୌନୀ ଅମାବାସ୍ୟା ମହାସ୍ନାନ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀ ଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ତଟର ପ୍ରସିଦ୍ଧ ବୌଦ୍ଧପୀଠ 'ବୀରସିଂ ଗାଦୀ' ଘାଟରେ ମୌନୀ ଅମାବାସ୍ୟା ମହାସ୍ନାନ, ଧର୍ମଚକ୍ର ପୂଜନ, ନାମ ସଂକ୍ରୀତନର ପୂଣ୍ୟ ନେବାକୁ ଭକ୍ତଙ୍କ ଭିଡ ଜମିଛି। ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଏ ପୀଠରେ ଅନ୍ତିମ ବୌଦ୍ଧ ଭିକ୍ଷୁ ସନ୍ଥ ବୀରସିଂଙ୍କୁ ଶ୍ରୀ ଚୈତନ ଦେବ ପବିତ୍ର ପ୍ରାଚୀ ପରିକ୍ରମା ସମୟରେ ସାକ୍ଷାତ କରି ତାଙ୍କ ଶୂନ୍ୟ ସାଧନା ପ୍ରଭାବରୁ ଶ୍ରୀ ଜଗନ୍ନାଥଙ୍କ ସଦ୍ୟ ଅନ୍ନ ମହାପ୍ରସାଦ ପ୍ରାପ୍ତ ହୋଇ ଚକିତ ହୋଇଯାଇଥିଲେ। ପବିତ୍ର ମୌନୀ ଅମାବାସ୍ୟାଦିନ ଏ ପୀଠରେ ତାଙ୍କର ନିର୍ବାଣ ପ୍ରାପ୍ତି ହୋଇଥିଲା। ଏଥିପାଇଁ ପୀଠସ୍ଥଳୀ ଉତ୍ସବ ମୁଖର ହୋଇଉଠିଛି। ଏ ପୀଠର ଆଦ୍ୟ ବୌଦ୍ଧଭିକ୍ଷୁ ଉପଗୁପ୍ତ ଏଠାରେ ସମ୍ରାଟ ଅଶୋକଙ୍କୁ ବୌଦ୍ଧ ଧର୍ମଦିକ୍ଷା ଦେଇ ଧର୍ମ ଚକ୍ର ସ୍ଥାପନା କରିଥିଲେ। ଉକ୍ତ ଦିନରେ ଧର୍ମଚକ୍ର ପୂଜନ ସହ ପୀଠସ୍ଥଳୀରେ ନାମସଂର୍କୀତନ ଓ ବ୍ରହ୍ମ ଅଗ୍ନିସ୍ଥାପନକୁ ଅଧିକ ଗୁରୁତ୍ୱ ଦିଆଯାଏ। ଆମ ସରକାର ନମାମୀ ପ୍ରାଚୀ ଯୋଜନା ଅଚିରେ କାର୍ଯ୍ୟକାରୀ କରି ଉଜୁଡି ଯାଇଥିବା ପ୍ରାଚୀତଟର ମହାନ ଐତିହ୍ୟ ସ୍ଥଳ ଗୁଡିକର ତଥା ପ୍ରାଚୀନଦୀର ସ୍ଥିତିକୁ ସୁଧାରନ୍ତୁ ଏହା ଅଗଣିତ ଶ୍ରୀ ଜଗନ୍ନାଥ ପ୍ରେମୀଙ୍କ ମନର କଥା। ସ୍ଥାନୀୟ ଗ୍ରାମବାସୀ ଏ ମହାନ ଐତିହ୍ୟ ସ୍ଥଳିକୁ ବଂଚାଇ ରଖିଥିବାରୁ ସେମାନେ ଧନ୍ୟବାଦର ପାତ୍ର।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶତାୟୁ କମ୍ୟୁନିଷ୍ଟ ନେତା, ବିପ୍ଳବୀ ସାଗର ଭୂୟାଁଙ୍କ ସହଯୋଗୀ, ସ୍ୱାଧୀନ ଧୁଷୁରୀ ଭୂଖଣ୍ଡର ଅନ୍ୟତମ ଯୋଦ୍ଧା ସୁଧାକର ବାରିକ୍‌ଙ୍କ ପ୍ରଥମ ମୃତ୍ୟୁ ବାର୍ଷିକ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ଦଇପୁର ଗ୍ରାମରେ ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣ ସଭାରେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଓଡିଶା କୃଷକ ସଭା ଧାମନଗର ବ୍ଲକ ସଭାପତି ଯୁଧିଷ୍ଠିର ମହାପାତ୍ର, ସିପିଆଇ(ଏମ) ଧୁଷୁରୀ ଆଞ୍ଚଳିକ କମିଟି ସଂପାଦକ ରମେଶ ସାହୁ, ସିପିଆଇ(ଏମ) ନେତା ମାର୍କଣ୍ଡ ଜେନା, କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ସମାଜସେବୀ ବିଦ୍ୟାଧର ବାରିକ୍, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଶିକ୍ଷାବିତ୍ କହ୍ନେଇ ଚରଣ ବିଳାସ, ଶିକ୍ଷାବିତ୍ ଅଭୟ କୁମାର ନାୟକ, ସମାଜସେବୀ ସୁଧାକର ଯେନା, ଅବସରପ୍ରାପ୍ତ କୃଷି ଅଧିକାରୀ ରାମ କୁମାର ରାୟ, ଶାଆଁଳପୁର ଗାନ୍ଧୀ ସ୍ମୃତି କମିଟି ସଂପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସମାଜସେବୀ ରଞ୍ଜନ ମହାନ୍ତି, ଯୁବ ସମାଜସେବୀ ମାନସ ରଞ୍ଜନ ସାହୁ, ସମାଜସେବୀ ଅନୀଲ କୁମାର ରାଉତ, ସମାଜସେବୀ ସୁନିଲ ବିହାରୀ ସାହୁ, ପାଳସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନୀଲ ଦାସ, ଯୁବନେତା କୈଳାସ ଚନ୍ଦ୍ର ବାରିକ୍, ଯୁବନେତା ପ୍ରଶାନ୍ତ ସାହୁ, ସମାଜସେବୀ ଧନେଶ୍ୱର ବେହେରା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମାଜସେବୀ ପ୍ରଭାକର ଦଳାଇ, ଅଧ୍ୟାପକ ତ୍ରିଲୋଚନ ଦାସ, ସମାଜସେବୀ ଅନନ୍ତ କିଶୋର ମହାନ୍ତି, ସମାଜସେବୀ କୁଳମଣି ବାରିକ୍ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ସୁଧାକର ବାରିକଙ୍କ ସ୍ମୃତି ଚାରଣ କରିବା ସହ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦ, ଭାରତରେ ଚାଲିଥିବା କର୍ପୋରେଟ- ସାଂପ୍ରଦାୟିକ କୁଚକ୍ର ଓ ଓଡିଶାରେ ଚାଲିଥିବା ସାଂପ୍ରଦାୟିକ ଭିଡ ହତ୍ୟା ବିରୁଦ୍ଧରେ ସଂଗ୍ରାମ କରିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ଏହି ସ୍ମୃତି ଚାରଣ ସଭାରେ ଧୁଷୁରୀ ଓ ଧାମନଗର ଅଞ୍ଚଳର ଶତାଧିକ ଶିକ୍ଷକ, କୃଷି ଶ୍ରମିକ, କୃଷକ, ଶ୍ରମିକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଆଠଗଡ଼ରେ ଚଳିତ ବର୍ଷ ବଢ଼ିଛନ୍ତି ୫ହଜାରରୁ ଅଧିକ ପକ୍ଷୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଠଗଡ଼ ବନଖଣ୍ଡରେ ପକ୍ଷୀ ଗଣନା ଶେଷ ହୋଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଆଠଗଡ଼ ବନଖଣ୍ଡରେ ପକ୍ଷୀ ସଂଖ୍ୟା ୨୨ ପ୍ରତିଶତ ବଢ଼ିଛି। ଚଳିତ ବର୍ଷ ୫ହଜାରରୁ ଅଧିକ ପକ୍ଷୀ ବଢ଼ିଛନ୍ତି। ଚଳିତ ବର୍ଷ ଆଠଗଡ଼ ବନଖଣ୍ଡରେ ୨୫ହଜାର ୫୮୫ପକ୍ଷୀ ଗଣନା କରାଯାଇଥିବାବେଳେ ଗତବର୍ଷ ୧୯ହଜାର ୯୬୨ଟି ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ୯୫ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ପାଖାପାଖି ୫ ପ୍ରତିଶତ ବିଦେଶାଗତ ପକ୍ଷୀ ଦେଖିବାକୁ ମିଳିଛି। ଆଠଗଡ଼ ବନଖଣ୍ଡ ଅଧୀନରେ ଥିବା ୫ଟି ରେଞ୍ଜର ବିଭିନ୍ନ ସ୍ଥାନମାନଙ୍କରେ ପକ୍ଷୀ ଗଣନା ଶେଷ ହୋଇଛି। ନରସିଂହପୁର ପୂର୍ବା□ଳ ରେଞ୍ଜରେ ୬୫୬୬, ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜରେ ୧୬୬୫, ବଡ଼ମ୍ବା ରେଂଜରେ ୨୫୨୦, ଆଠଗଡ଼ ରେଂଜରେ ୭୫୨୫ ଏବଂ ଖୁଣ୍ଟୁଣି ରେଂଜରେ ୭୩୧୧ଟି ଦେଶୀ ଓ ବିଦେଶାଗତ ପକ୍ଷୀଙ୍କର ଗଣନା ହୋଇଛି। ଏହି ପକ୍ଷୀ ଗଣନା କାର୍ଯ୍ୟରେ ଆଠଗଡ଼ ବନଖଣ୍ଡରେ ୧୬୦ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ।

## ପଥର ବ୍ଲାଷ୍ଟିଙ୍ଗ୍‌କୁ ନେଇ ଲିଜଧାରୀଙ୍କୁ ବିରୋଧ

**ପୋଲସରା:ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ତହସିଲ ଅନ୍ତର୍ଗତ ସୋଡକ ଗ୍ରାମ ନିକଟସ୍ଥ ବନମାଳୀ ପଲ୍ଲୀ ଫୁଲ ଡିମ୍ବିରା ପାହାଡର ପଥର ବ୍ଲାଷ୍ଟିଙ୍ଗ୍‌କୁ ନେଇ ଗ୍ରାମର କିଛି ମହିଳା ଓ ପୁରୁଷ ଏହାକୁ ପ୍ରତିବାଦ କରୁଥିବା ନେଇ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ଅଞ୍ଚଳର କେ ନୀଳମାଧବ ଆଚାରୀ ଦିର୍ଘ ବର୍ଷ ଧରି ବନମାଳୀ ପାହାଡ଼କୁ ଲିଜ୍ ନେଇ ନିଜର ବ୍ୟବସାୟ କରିଆସୁଛନ୍ତି। ଗତକାଲି ଘଟଣା ସ୍ଥଳରେ ୬ ପେଟି ବିସ୍ଫୋରକ ସାମଗ୍ରୀ ସହ ବ୍ଲାଷ୍ଟିଙ୍ଗ୍ ପାଇଁ ଆସିଥିବା ୬ ଜଣ ବ୍ୟକ୍ତିଙ୍କୁ ବିରୋଧକାରୀମାନେ ଅଟକ ରଖି ପୋଲସରା ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲସରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣା ସ୍ଥଳରୁ ସମ୍ପୃକ୍ତ ୬ଜଣ ବ୍ୟକ୍ତି ଓ ବିସ୍ଫୋରକ ସାମଗ୍ରୀକୁ ଥାନାକୁ ଆଣିଥିଲେ। ତେବେ କେଉଁ କାରଣରୁ ପୋଲିସକୁ ଜିମା ଦେଇଥିବା ବିସ୍ଫୋରକ ଓ ଲୋକଙ୍କୁ ଛଡ଼ାଗଲା ତାହାକୁ ନେଇ ଶଙ୍କର ସାହୁ, ନିକୁଞ୍ଜ ସାହୁ, ମନୋଜ ପାତ୍ର, ଗୌର ବିଶ୍ୱାଳ, ଲକ୍ଷ୍ମୀ ସାହୁ ସମେତ ୪୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଥାନାରେ ଆସି ପ୍ରତିବାଦ କରିଥିଲେ। ପଥର ବ୍ଲାଷ୍ଟିଙ୍ଗ୍‌କୁ ନେଇ ଧନଜୀବନ ଅସୁରକ୍ଷିତ ମଣିବା ସହିତ ପରିବେଶ ପ୍ରତି କୁପ୍ରଭାବ ଓ ବନ୍ୟଜନ୍ତୁ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଆପତ୍ତି ଅଭିଯୋଗ କରିଥିଲେ। ଅନ୍ୟପଟେ ଉକ୍ତ ଘଟଣାକୁ ନେଇ ଲିଜଧାରି କେ ନୀଳମାଧବ ଆଚାରୀ ପୋଲସରା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଯାହାକି ସେ କହିବା ପ୍ରକାରେ ପାହାଡ଼ରେ ପଥର ବ୍ଲାଷ୍ଟିଙ୍ଗ୍ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଅନୁମତି ପାଇବା ସହିତ ବ୍ଲାଷ୍ଟିଙ୍ଗ କରିବା ପାଇଁ ଆସିଥିବା ବ୍ଲାଷ୍ଟର ମଧ୍ୟ ସ୍ୱିକୃତିପ୍ରାପ୍ତ ହୋଇଥିବା ବେଳେ ଗ୍ରାମର କିଛି ଖଳ ପ୍ରକୃତିର ଲୋକ ପଥର ବ୍ଲାଷ୍ଟିଙ୍ଗ୍‌କୁ ବିରୋଧ କରୁଛନ୍ତି। ଏହାସହିତ ମୋର କର୍ମଚାରୀମାନଙ୍କୁ ଧମକ ଦେଇଥିବା ସେ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ରାଖେଲଗୁଡ଼ା ମୃତକଙ୍କ ପରିବାର ଓ ଦଙ୍ଗା ପୀଡ଼ିତଙ୍କୁ ସହାୟତା



**ମାଲକାନଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମାସରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ରାଖେଲଗୁଡ଼ାରେ ଘଟିଥିବା ହତ୍ୟାକାଣ୍ଡ ଓ ପରବର୍ତ୍ତୀ ସମୟରେ ରାଖେଲଗୁଡ଼ା ଓ ଏମଭି-୨୬ ମଧ୍ୟରେ ଘଟିଥିବା ହିଂସାକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି ମାଲକାନଗିରିର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅରବିନ୍ଦ ଢ଼ାଲି। ଶ୍ରୀ ଢ଼ାଲିଙ୍କ ପୁତୁରା ଅମିତ୍ ଢ଼ାଲି ଆଜି ଉଭୟ ଗ୍ରାମ ଗସ୍ତ କରି ଅରବିନ୍ଦ ଢ଼ାଲି ଗ୍ୟାସ ସିଲିଣ୍ଡର ପାଇଁ ଦେଇଥିବା ଏମଭି-୨୬ ଗ୍ରାମର ୧୮୯ଟି ପରିବାରଙ୍କୁ ୧ ଲକ୍ଷ ୭୭ ହଜାର ୩ଶହ ଓ ରାଖେଲଗୁଡ଼ା ଗ୍ରାମର ମୃତ ମହିଳା ଲାକେ ପଡ଼ିଆମୀଙ୍କ ପୁଅ ରବିଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏମଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ପରିବାରଙ୍କୁ ୭୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ରାଶିକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଢ଼ାଲି ଖୁବ୍ କମ ବୋଲି ପ୍ରକାଶ କରିବା ସହ କ୍ଷତିଗ୍ରସ୍ତ ପ୍ରତ୍ୟେକ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଓ ଆବାସ ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି। ଏଥିସହ ହତ୍ୟା ଘଟଣାର ସିବିଆଇ ତଦନ୍ତ ମଧ୍ୟ ଦାବି କରିଛନ୍ତି ଶ୍ରୀ ଢ଼ାଲି। ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ସମସ୍ତେ ଭାଇଚାରା ବଜାୟ ରଖିବାକୁ ନିବେଦନ କରିଛନ୍ତି।

## ବେଗୁନିଆରୁ ଆରମ୍ଭ ହେଲା 'ସାଂସଦ ଚିକିତ୍ସା ଶିବିର'

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନୂଆ ପଦକ୍ଷେପ ସ୍ୱରୂପ ସାଂସଦୀୟ କ୍ଷେତ୍ର ଅଧିନରେ ଥିବା ସମସ୍ତ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ୱାସ୍ଥ୍ୟ ପାଇଁ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ-ବୋଲଗଡ ନିର୍ବାଚନମଣ୍ଡଳୀର ବେଗୁନିଆଠାରେ ଶୁଭ ଉଦଘାଟନ କରାଯାଇଛି। ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଏଣିକି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବ୍ଲକ ସ୍ତରରେ ଆୟୋଜନ ହେବ ସାଂସଦ ଚିକିତ୍ସା ଶିବିର। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧିନରେ ରହିଥିବା ମୋଟ୍ ୮ଟି ବ୍ଲକରେ ସାଂସଦ ଚିକିତ୍ସା ଶିବିର ଆଗାମୀ ଦିନରେ ଆୟୋଜନ ହେବା ନେଇ ଉଦଘାଟନ ଅବସରରେ ମତ ରଖିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ରବିବାର ସକାଳ ୮ଟାରୁ ବେଗୁନିଆର ଗୋପବନ୍ଧୁ ପିଏମ ଶ୍ରୀ ହାଇସ୍କୁଲ ପରିସରରେ ପ୍ରଥମ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଥିଲା।

ସାଂସଦ ଅପରାଜିତା ଷଡ଼ଙ୍ଗୀ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ। ଏହି ସାଂସଦ ଚିକିତ୍ସା ଶିବିରରେ ପ୍ରାୟ ୧୦ଟି ଗାଁର ୫୫୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିବା କୁହାଯାଇଛି। ସାଂସଦ ଚିକିତ୍ସା ଶିବିରରେ ବିଭିନ୍ନ ବିଭାଗର ବରିଷ୍ଠ ଚିକିତ୍ସକ ସାମିଲ ହୋଇଥିଲେ। ରକ୍ତ ପରୀକ୍ଷାରୁ ଆରମ୍ଭ କରି ମଧୁମେହ, ବିପି, ଓଜନ ମାପଠାରୁ ସମସ୍ତ ପ୍ରାରମ୍ଭିକ ଚିକିତ୍ସା ସୁବିଧା ଏହି ଶିବିରରେ ଉପଲବ୍ଧ ହୋଇଥିଲା। ଏହି ଅବସରରେ ଶିବିରକୁ ଆସିଥିବା ଲୋକଙ୍କ ସହିତ ସାଂସଦ ଅପରାଜିତା ବ୍ୟକ୍ତିଗତ ଭାବେ କଥା ହୋଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରିବୁଝିଥିଲେ। ଏହି ଚିକିତ୍ସା ଶିବିର ବାଂକୋଇ ସିଏଚସି, ଖୋର୍ଦ୍ଧା ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ମେଡିକାଲ୍ ଟିମ୍ ସାମିଲ ହୋଇ, ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା



ଯୋଗାଇ ଦେଇଥିଲେ। ସାଂସଦ ଚିକିତ୍ସା ଶିବିର ଆୟୋଜନ ନେଇ ଏକ ୪ ଜଣିଆ ସଦସ୍ୟ ବିଶିଷ୍ଟ ଟିମ୍ ଗଠନ କରିଛନ୍ତି ଭୁବନେଶ୍ୱର ସାଂସଦ। ଟିମରେ ଥିବା ସଦସ୍ୟମାନେ ହେଉଛନ୍ତି ସୁଧୀର କୁମାର ପଣ୍ଡା, ଗିସଲୟ ଘୋଷ, ଜୀବନ କୁମାର ସାହୁ ଏବଂ ବିଦ୍ୟୁତ କୁମାର କାଣ୍ଡି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ପିଏମଶ୍ରୀ ହାଇସ୍କୁଲ ହେଡମାଷ୍ଟର ପ୍ରମୋଦ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ଜୀତେନ୍ଦ୍ର କୁମାର ସାହୁ, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂ, ଲୋତକବିନ୍ଦୁ ପଟ୍ଟନାୟକ, ଶିବ କୁମାର ମୁନୀ, ବିଭୂତି ମହାନ୍ତି, ବୀରନାଥ ରାୟଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଜାତୀୟ ସଡକ ସୁରକ୍ଷା ସଚେତନତା

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ଯେଭଳି ଭାବରେ ସଡକ ଦୁର୍ଘଟଣା ବଢ଼ିବଢ଼ି ଚାଲିଛି ତା'ର ପରିଣାମ ଯେ ସୁଦୂର ପ୍ରସାରୀ ଏକଥା କେହି ଚିନ୍ତା ବି କରୁନାହାନ୍ତି। ଜଣଙ୍କର ସାମାନ୍ୟ ଅସାବଧାନତା ଯୋଗୁ କାହାର ବାପା ମରିଯିବା ଫଳରେ କିଏ ଅନାଥ ହୋଇ ଯାଉଛି ତ କାହାର ପୁଅ ମରିଯିବା ଫଳରେ ପରିବାର ପୁତ୍ର ହରା ହୋଇଯାଉଛି। ଏସବୁକୁ ଆଖି ଆଗରେ ରଖି ସରକାର ସଡକ ସୁରକ୍ଷା ମାସ ନାମରେ ଏକ ବିସ୍ତୃତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେଥିରେ ଥାନା ଅଞ୍ଚଳକୁ ଅଧିକାରୀମାନେ ଯାଇ ଲୋକଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇବେ। ଏହି କ୍ରମରେ ସ୍ଥାନୀୟ ମଧଖଣ୍ଡ ଥାନା ଅଞ୍ଚଳର ମଧଖଣ୍ଡ ଗ୍ରାମରେ ସଡକ ସୁରକ୍ଷା ସମ୍ପର୍କରେ ଏକ ସଚେତନତା ସଭା କରାଯାଇଥିଲା। ଏଥିରେ ବିଡିଓ ଶରତ କୁମାର ମଲ୍ଲିକ, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ସରପଞ୍ଚ, ସମିତି ସଭ୍ୟ, ଜନସାଧାରଣ ଯୋଗ ଦେଇ ସଡକ ସୁରକ୍ଷା ଏବଂ ଦୁର୍ଘଟଣା ବେଳର ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମଟି ସାଧାରଣରେ ବେଶ ଆଦୃତି ଲାଭ କରିଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ, ଖୁଲୁଡା ପଞ୍ଚାୟତର ପ୍ରାକ୍ତନ ଅଧ୍ୟାପକ ଜନ୍ମେଜୟ ଗିରିଙ୍କ ବଡ଼ ପୁଅ ପବିତ୍ର (୩୭) ଓରଫ ରାଜୁ ବିଷପାନ କରିବାରୁ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗୁରୁବାର ପାରିବାରିକ କଳହରୁ ପବିତ୍ର ଗିରି ଘାଷମରା ଔଷଧ ସେବନ କରି ଗୁରୁତର ହୋଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଶୁକ୍ରବାର ତାଙ୍କର ମୃତ୍ୟୁ ପରେ ବ୍ୟବଛେଦ ହୋଇ ଶରୀର ଶନିବାର ଗାଁକୁ ଆସିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ବ୍ଲକ୍ ସ୍ତରୀୟ ପ୍ରତିଭାବାନ କ୍ରିକେଟ ଖେଳାଳୀ, ଯୁବ ଉଦ୍ୟୋଗୀ, ସଂଗଠକ, ଅନୁଷ୍ଠାନ ପ୍ରେମୀ ଓ ବିଜେପିର ସକ୍ରିୟ କର୍ମୀ ଥିଲେ। ସୂଚନା ପାଇ ବିଜେପି ନେତା ବ୍ରଜମୋହନ ପ୍ରଧାନ, କାଳୀଚରଣ ଦାସ, ଗ୍ରାମ୍ୟ ମୁଖ୍ୟ ପ୍ରଶାନ୍ତ ପଣ୍ଡା, ମନମୋହନ ଆଚାର୍ଯ୍ୟ, ଭୂପତି ମାର୍ଣ୍ଡି, ତାପସ ପାଣିଗ୍ରାହୀ ଓ ଗ୍ରାମବାସୀ ଶେଷ ଦର୍ଶନ କରି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କର କୁନି ପୁଅଝିଅ ରହିଥିବା ବେଳେ ଗାଁ ଶ୍ମଶାନରେ ପୁତୁରା ରାଜନ ଗିରି, କୁନି ପୁଅ ସ୍ୱାଗତ ମିଳିତ ଭାବେ ମୁଖାଗ୍ନୀ ଦେଇଥିଲେ।

## ଏକତା ମଞ୍ଚ ତରଫରୁ ଫୁଟବଲ ପ୍ରତିଯୋଗିତା

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତର ଗୁରୁଣ୍ଡା ଖେଳ ପଡିଆରେ ଏକତା ମଞ୍ଚ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଳଦୀ ଏବଂ କୁରସୁଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଦୁହେଁ ୧-୧ରେ ସମାନ ହୋଇଥିଲେ ଓ ଟ୍ରାଇବ୍ରେକରେ କୁରସୁଡ ବିଜୟୀ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଗୁରୁଣ୍ଡା ଗ୍ରାମର ୱାର୍ଡମେମ୍ବର ପୁଷ୍ପା ଛୁରା, ବିଶାଖା ଭୋଇ, ସମାଜସେବୀ ଉମେଶ ଛୁରା, ସମାଜସେବୀ ସୋନୁ ସିଂ, ବୁଦ୍ଧଦେବ ସରାଫ, ପିଛାରୁ ଭୋଇ, ସୁବୋଧ ସରାଫ, ବିଳମ୍ବର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବିବଛ ମାଝୀ ଖେଳ ପରିଚାଳନା କରିଥିବାବେଳେ, ନୀତେଶ ମାଝୀ, ବୈଷ୍ଣବ ତାଣ୍ଡି ଲାଇନ ମ୍ୟାନ କାର୍ଯ୍ୟ ତୁଲାଇଥିଲେ। ପୃଥ୍ୱୀରାଜ ବାଗ ଏବଂ ସୁବୋଧ ସରାଫ ଧାରାବିବାରଣୀ ଦେଇଥିଲେ। ମୁଖ୍ୟ ଅତିଥି କାଳିଆ ସରାଫ ବିଜେତା ଦଳକୁ ନଗଦ ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଏକତା ମଞ୍ଚର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବ୍ରାହ୍ମଣଝରିଲୋରେ ଖୋଲିଲା ଧାନ ମଣ୍ଡି

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀ ଜଗନ୍ନାଥ କୃଷକ ସେବା ସମବାୟ ସମିତି ଲିଃ ପକ୍ଷରୁ ଖରିଫ ମଣ୍ଡି ସମୟ (କେ.ଏମ୍.ଏସ୍)ର ଧାନ କ୍ରୟ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଚାଷୀମାନଙ୍କ ପାଇଁ ବଡ଼ ସ୍ୱାସ୍ଥ୍ୟଦାୟକ ଓ ଆଶାଜନକ ପଦକ୍ଷେପ ବୋଲି ଚାଷୀମହଲରେ ସ୍ୱାଗତ ମିଳିଛି। ସମବାୟ ସମିତିର ସଭାପତି ଗୋଲେଖ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉପ ସଭାନେତ୍ରୀ ସ୍ମିତା ମହାନ୍ତି ସହ ସୁକାନ୍ତ ବେହେରା, ବାବାଜୀ ଚରଣ ମହାନ୍ତି, ଦିବ୍ୟସିଂହ ପାତ୍ର, ମନୋଜ ତରାଇ, ବିଶ୍ୱରଞ୍ଜନ ସାହୁ, ପ୍ରଣବ ପଟ୍ଟନାୟକ, ରାକେଶ ଜେନା, ପ୍ରତିମା ମହାନ୍ତି, ମହମ୍ମଦ ନୁର, ବିଜୟ ଜେନା, ଭରତ ସାମଲ ଓ ଦିଲ୍ଲୀପ ପାତ୍ର ପ୍ରମୁଖ ନିର୍ଦ୍ଦେଶକ ଓ କର୍ମକର୍ତ୍ତା ଉପସ୍ଥିତ ରହି ଚାଷୀଙ୍କୁ ସହଯୋଗ ଓ ନିଶ୍ଚିତତା ଦେଇଥିଲେ। ଏହି ଅବସରରେ ସମବାୟ ସମିତି ଦ୍ୱାରା ମୋଟ ୧୦ ଜଣ ଚାଷୀଙ୍କ



ଠାରୁ ପ୍ରାୟ ୪୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡ଼ିଛି। ଧାନ ବିକ୍ରୟ କରିଥିବା ଚାଷୀମାନଙ୍କ ମଧ୍ୟରେ ନାରାୟଣ ଜେନା, ଗିରିଜା ଦାଶ, ପ୍ରତାପ ଦାଶ, ସଦାନନ୍ଦ ପାତ୍ର, ଶୁଭକାନ୍ତ ନାୟକ, କେଦାର ପାତ୍ର, ବାବାଜୀ ସାହୁ ଓ ପ୍ରଫୁଲ୍ଲ ପରିଜା ପ୍ରମୁଖ ଉପସ୍ଥିତ ରହି ଧାନ ଦେଇଥିଲେ। ଚାଷୀମାନେ ସରକାରୀ ନିର୍ଦ୍ଧାରିତ ଦରରେ ସହଜ ଓ ସୁସଂଗଠିତ ପ୍ରଣାଳୀରେ ଧାନ ବିକ୍ରୟ କରିପାରୁଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ସମବାୟ ସମିତିର କର୍ମକର୍ତ୍ତା ପ୍ରଣୟ କୁମାର ଦାଶ, ରାଧାକାନ୍ତ ପାତ୍ର, ପ୍ରୀତି କାଜଲ ମହାନ୍ତି, ତୁଷାର ପାତ୍ର ଓ ଦୀପ୍ତି ମହାପାତ୍ର ପ୍ରମୁଖ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଏହି ଧାନ କ୍ରୟ କାର୍ଯ୍ୟକ୍ରମ ଚାଷୀଙ୍କ ଆର୍ଥିକ ସୁରକ୍ଷା ଓ କୃଷି ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଉପସ୍ଥିତ ବକ୍ତାମାନେ ଆଶା ପ୍ରକାଶ କରିଥିଲେ।

## ଆଲପି ଶିକ୍ଷା ଗୌରବ ସମ୍ମାନ ପ୍ରଦାନ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଶତାବ୍ଦୀ ଭବନ ଠାରେ ଆଲପି ଏଡିକେସନ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶିକ୍ଷକମାନଙ୍କୁ ଶିକ୍ଷା ଗୌରବ ସମ୍ମାନରେ ଭୂଷିତ କରାଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଳା କମିଶନ ସଭ୍ୟ ଡଃ. କଳ୍ପନା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ଡଃ. ଧର୍ମଛତା ପ୍ରମୁଖ ଯୋଗ ଦେଇ ଥିଲେ। କାର୍ଯକ୍ରମରେ ୨୧ଜଣ ଶିକ୍ଷାବିତ୍‌ଙ୍କୁ ଶିକ୍ଷା ଗୌରବ ସମ୍ମାନ-୨୦୨୬ ପ୍ରଦାନ କରାଯାଇ ଥିବାବେଳେ ଶତାଧିକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ସମ୍ପାଦନ କରାଯାଇଥିବା ବେଳେ କମେଡିଆନ ନବ କିଶୋରଙ୍କ ଦ୍ୱାରା କମେଡି ଦର୍ଶକମାନେ ଉପଭୋଗ କରିଥିଲେ। କାର୍ଯକ୍ରମରେ ଅଧ୍ୟାପକ କେଶବ ଚନ୍ଦ୍ର ଭୂୟାଁ ମଞ୍ଚ ପରିଚାଳନା କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଗବେଷକ ଡଃ. ପ୍ରଭାତ ତ୍ରିପାଠୀ, ପ୍ରଶାନ୍ତ ଭାରତୀ, ପ୍ରକାଶ ଚନ୍ଦ୍ର ସାହୁ, ବିଜୟ ଦେବତା, ବିଜୟ କୁମାର ସାହୁ, ଆଶିଷ ପଢ଼ିଆରି, ଆଶିଷ କର ଇତ୍ୟାଦି ଉପସ୍ଥିତ ଥିଲେ।

## କଳିଙ୍ଗନଗରରେ ଭ୍ରାମ୍ୟମାଣ କ୍ୟାନସର ସ୍କ୍ରିନିଂ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳରେ କର୍କଟ ରୋଗର ଭୟାବହତାକୁ ରୋକିବା ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ) ଦ୍ୱାରା ଏକ ବୃହତ ପଦକ୍ଷେପ ଗ୍ରହଣ କରାଯାଇଛି। ଟିଏସଏଫ ଏବଂ ଜାମସେଦପୁର କ୍ୟାନସର ସୋସାଇଟି (ଜେସିଏସ)ର ମେହେରବାଇ ଟାଟା ମେମୋରିଆଲ୍ ହସପିଟାଲ୍ (ଏମଟିଏମଏଚ) ସହଯୋଗରେ କଳିଙ୍ଗନଗର ଅଞ୍ଚଳରେ ଏକ ବ୍ୟାପକ 'ଭ୍ରାମ୍ୟମାଣ କ୍ୟାନସର ସ୍କ୍ରିନିଂ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ଏହି କାର୍ଯ୍ୟକ୍ରମ ସୋମବାର ଦିନ ଦାନଗଦୀ ବ୍ଲକ୍ ଅନ୍ତର୍ଗତ ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଦଘାଟିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ଯଖପୁରା ପିଏଚସିର ମେଡିକାଲ୍ ଅଫିସର ଡାକ୍ତର ଅମୁଲ୍ୟ କୁମାର ନାୟକ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ମାର୍ଚ୍ଚ ୩୧, ୨୦୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଏହା ମାଧ୍ୟମରେ କର୍କଟ ରୋଗ ସମ୍ପର୍କିତ ସାମାଜିକ ସଚେତନତା, ସ୍କ୍ରିନିଂ, ରୋଗ ନିଶ୍ଚିତକରଣ ଓ ସଠିକ୍ ଚିକିତ୍ସା ସହ ଯୋଗାଯୋଗ ସୁବିଧା ଯୋଗାଇ ଦିଆଯିବ। ବିଶେଷ କରି ମୁଖ ଗହ୍ୱର,



ସ୍ତନ ଓ ଗର୍ଭାଶୟ କର୍କଟ ଉପରେ ଗୁରୁତ୍ୱ ଦିଆଯିବ, ଯାହା ଭାରତରେ କର୍କଟ ଜନିତ ମୃତ୍ୟୁର ପ୍ରମୁଖ କାରଣ ମଧ୍ୟରୁ ଗଣ୍ୟ।

ଏହି ସ୍କ୍ରିନିଂ କ୍ୟାମ୍ପ ସପ୍ତାହକୁ ପାଞ୍ଚ ଦିନ ଚାଲିବ। ପ୍ରତ୍ୟେକ କ୍ୟାମ୍ପରେ ୯୦ଟି ମାମୋଗ୍ରାମ, ୬୫ଟି ପାପ୍ ସ୍ମିୟର୍ ଓ ୧୩୫ଟି ମୁଖ କର୍କଟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍କ୍ରିନିଂ ସହିତ ଲୋକଙ୍କୁ କର୍କଟ ରୋଗର ବିପଦ, ପ୍ରାରମ୍ଭିକ ଲକ୍ଷଣ ଓ ସମୟରେ ଡାକ୍ତରୀ ପରାମର୍ଶର ଗୁରୁତ୍ୱ ବିଷୟରେ ସଚେତନ କରାଯିବ।

ଏହି ପଦକ୍ଷେପର ଏକ ମୁଖ୍ୟ ସ୍ତମ୍ଭ ହେଉଛି ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦକ୍ଷତା ବୃଦ୍ଧି। ମେହେରବାଇ ଟାଟା ମେମୋରିଆଲ୍ ହସପିଟାଲ୍‌ରେ 'ମାଷ୍ଟର ଟ୍ରେନର୍'ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ, ଯେଉଁମାନେ ପରେ ଆଶା କର୍ମୀ ଓ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ତାଲିମ ଦେବେ।

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ବ୍ଲକ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି ସାଧାରଣ ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବ। ଯେଉଁମାନଙ୍କ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିବ, ସେମାନଙ୍କୁ ରୋଗ ନିଶ୍ଚିତକରଣ ପାଇଁ ମେହେରବାଇ ଟାଟା ମେମୋରିଆଲ୍ ହସପିଟାଲକୁ ପଠାଯିବ ଓ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇବାରେ ସହାୟତା କରାଯିବ।

କର୍କଟ ସ୍କ୍ରିନିଂକୁ ବିକେନ୍ଦ୍ରୀକରଣ କରି ଓ ସଠିକ୍ ଚିକିତ୍ସା ପାଇଁ ପଥ ପ୍ରସ୍ତୁତ କରି, ଏହି ପଦକ୍ଷେପ କର୍କଟ ସେବା କ୍ଷେତ୍ରରେ ଥିବା ଅଭାବକୁ ଦୂର କରିବ, ସଚେତନତା ବଢ଼ାଇବ, ପ୍ରାରମ୍ଭିକ ରୋଗ ଚିହ୍ନଟକୁ ସହଜ କରିବ ଓ ଏକ 'ଗ୍ରାମୀଣ କର୍କଟ ରେଜିଷ୍ଟ୍ରି' ପ୍ରତିଷ୍ଠାରେ ସାହାଯ୍ୟ କରିବ। ଏହା କଳିଙ୍ଗନଗର ଅଞ୍ଚଳର ଗ୍ରାମୀଣ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।

## ଜଣେ ମହିଳା ଇନ୍ସପେକ୍ଟରଙ୍କୁ ଦୁଇ ଦୁଇଟି ରେଞ୍ଜର ଦାୟିତ୍ୱ

**କୋରେଇ:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ଅବକାରୀ ନିୟମକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି ଯାଜପୁର ଜିଲ୍ଲା ଅବକାରୀ ଅଧିକ୍ଷକ। ଜିଲ୍ଲାର ୬ଟି ଷ୍ଟେସନ ଓ ଗୋଟେ ଭ୍ରାମ୍ୟମାଣ ବିଭାଗକୁ ନେଇ ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟ କରୁଛି। କିନ୍ତୁ ବିଡ଼ମ୍ବନାର ବିଷୟ ଜିଲ୍ଲାର ପୁରୁଷ ଇନ୍ସପେକ୍ଟର ଥାଇ ମଧ୍ୟ ଜଣେ ମହିଳା ଇନ୍ସପେକ୍ଟରଙ୍କୁ ସାରା ଜିଲ୍ଲାର ୫ଟି ଷ୍ଟେସନ ତଥା ଦୁଇ ଦୁଇଟି ରେଞ୍ଜର ଦାୟିତ୍ୱ ବହନ କରାଯାଇଛି। ଚିଠି ନମ୍ବର ୩୫୯୦/୩୧/୧୨/୨୦୨୫ର ଜିଲ୍ଲାର ଯାଜପୁର ରେଞ୍ଜର ଇନ୍ସପେକ୍ଟର କାଳନ୍ଦୀ ବେହେରାଙ୍କ ଦେବଗଡ଼ ଜିଲ୍ଲାକୁ ଡେପୁଟି ସୁପରଟେଣ୍ଟଙ୍କୁ ପ୍ରମୋସନ ହୋଇଯିବା ପରେ ତାଙ୍କ ସ୍ଥାନରେ ଯାଜପୁର ରୋଡ ରେଞ୍ଜରେ କାର୍ଯ୍ୟରତ ଥିବା ମହିଳା ଇନ୍ସପେକ୍ଟର




ସସ୍ମିତା ହୋତାଙ୍କୁ ଜିଲ୍ଲା ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ତଣ୍ଡେଲ ଦାୟିତ୍ୱ ଭାର ହସ୍ତାନ୍ତର କରିଥିବା ଉଲେଖ କରାଯାଇଛି। ଯାଜପୁର ରୋଡ ରେଞ୍ଜ ଓ ଯାଜପୁର ରେଞ୍ଜ ମଧ୍ୟରେ ଦୂରତା ୩୫କିମି ହୋଇଥିବା ବେଳେ ଜଣେ ଅଫିସରଙ୍କୁ କୌଣସି କାର୍ଯ୍ୟରେ ସାକ୍ଷାତ କରିବାକୁ ହେଲେ ଦିନ ଧାର୍ଯ୍ୟ କରିବାକୁ ପଡିଥାଏ। ଯେତେବେଳେ ଅଫିସକୁ ଗଲେ ମାଡାମଙ୍କୁ ସାକ୍ଷାତ କରିବା କଷ୍ଟକର ହୋଇଥାଏ କାରଣ ମାଡାମ କେତେବେଳ କୋଉ ଷ୍ଟେସନରେ ଥାନ୍ତି କେହି ଜାଣିନଥାନ୍ତି। ମାଡାମଙ୍କ ଅଧୀନରେ ଜିଲ୍ଲାର ଯାଜପୁର ସଦର, ଯାଜପୁର ରୋଡ, ଡୋଳୀପୁର, ସୁକିନ୍ଦା, ଧର୍ମଶାଳା, ରସୁଲପୁର, ରହିଥିବା ବେଳେ ଅନ୍ୟ ଜଣେ ମୋବାଇଲ ଟିମରେ କାର୍ଯ୍ୟ କରୁଥିବା ପୁରୁଷ ଇନ୍ସପେକ୍ଟରଙ୍କୁ କେବଳ ଗୋଟିଏ ଚାର୍ଜ ଦେଇଥିବା ଦେଖିବାକୁ ମିଳିଛି। ଡୋଳୀପୁର ଅବକାରୀ ବିଭାଗ ଗୋଟେ ସମ୍ବେଦନଶୀଳ ଷ୍ଟେସନ ହୋଇଥିବା ବେଳେ ଏହି ଷ୍ଟେସନ ଦେଇ ବହୁ ଦେଶୀ ମଦ କେନ୍ଦୁଝର ଯାଜପୁରକୁ ଆସୁଛି। ଜଣେ ସବ ଇନ୍ସପେକ୍ଟର, ଦୁଇ ଜଣ କନଷ୍ଟେବଳରେ ଏହି ଷ୍ଟେସନ ଚାଲୁଥିବା ଦେଖିବାକୁ ମିଳୁଛି। ଜିଲ୍ଲାରେ ପାଖାପାଖି ୧୦୦ରୁ ଉର୍ଦ୍ଧ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ ଥିବା ବେଳେ ଜଣେ ଅଫିସର ସମସ୍ତ ଦୋକାନକୁ ଯାଇ ମାସିକିଆ ଯାଞ୍ଚ କରିବା ବି ସମ୍ଭବ ନୁହେଁ। ଯଦି ଜଣେ ଅଫିସର ମାସ ସାରା ଦୋକାନ ବୁଲି ଯାଞ୍ଚ କାର୍ଯ୍ୟରେ ସମୟ ଦେବା ସହିତ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ବି ଯୋଗ ଦେବେ ତେବେ ଅଫିସରେ ବସି ଲୋକଙ୍କ ସମସ୍ୟା ବୁଝିବାକୁ ତାଙ୍କ ପାଖରେ ସମୟ ରହିବ ତ? ଡୋଳୀପୁରରେ ଅଧିକାଂଶ ଜାଗାରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଗତ କିଛିଦିନ ତଳେ ଜିଲ୍ଲାପାଳ ଏହାକୁ ବନ୍ଦ କରିବା ପାଇଁ କଡାକଡି ତାଗିଦ କରିଥିବା ସତ୍ତ୍ୱେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀଙ୍କ ପାଖରେ ସମୟ ନଥିବାର ବାହାନା କରି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ କଥାକୁ ଏଡାଇଦେଇଥିବା ଦେଖିବାକୁ ମିଳୁଛି। ଜିଲ୍ଲା ଅବକାରୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ନଦେଇ ଜିଲ୍ଲାପାଳଙ୍କ ବିନା ଦୃଷ୍ଟି ଆକର୍ଷଣରେ ଅଫିସରଙ୍କୁ ବଦଳି ପରେ ବଦଳି କରିବାରେ ଲାଗିପଡିଛନ୍ତି। ଦେଖିବାର ବାକି ରହିଲା କେବେ କେଉଁଦିନ ଜିଲ୍ଲାପାଳ ଓ ଅବକାରୀ ସଚିବ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ମନଇଚ୍ଛା ସ୍ଥାନାନ୍ତର ଉପରେ ରୋକ ଲଗାଉଛନ୍ତି।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 20th January, 2026 Tuesday RNI Regd. No. ODIODI/2006/23033 Postal Regd. No. : BN/169/13-15

## ପଳାତକ

ପଡ଼ୋଶୀ ଯୁବକ ସହିତ ଘରୁ ପଳାଇଥିବା ବିବାହିତା ମହିଳା ରେଳ ଷ୍ଟେସନ୍‌ରେ ଅଟୋରୁ ଓହ୍ଲାଇବା ପରେ ଅଟୋ ଡ୍ରାଇଭରକୁ ପଚାରିଲେ- କେତେ ହେଲା ?

ଅଟୋ ଡ୍ରାଇଭର ସ୍ମିତ ହସି କହିଲେ- ନାଇଁ, ଆପଣଙ୍କୁ ଦେବାକୁ ପଡ଼ିବନି।

ବିବାହିତା ମହିଳା ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କାହିଁକି ଦେବାକୁ ପଡ଼ିବନି ?

ଅଟୋ ଡ୍ରାଇଭର ମହିଳାଙ୍କୁ ସ୍ମିତ ହସି କହିଲେ- ଭଡ଼ା ଆପଣଙ୍କ ସ୍ୱାମୀ ମତେ ଆଗରୁ ଦେଇଦେଇଛନ୍ତି।

ହେଲ୍ଥ



ଟନିକ୍

# ଭାରତରେ ବିଶ୍ୱକପ୍ ଖେଳ, ନଚେତ୍ ବାହାର ରାସ୍ତା ଦେଖ

**ନୂଆଦିଲ୍ଲୀ,୧୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ବିଶ୍ୱକପ୍ ଖେଳ, ନଚେତ୍ ବାହାର ରାସ୍ତା ଦେଖ। ବାଂଲାଦେଶକୁ ଚରମବାଣୀ ଶୁଣାଇଲା ଆଇସିସି। ଆସନ୍ତା ୨୧ ତାରିଖ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ ବିସିବି ନିର୍ଦ୍ଦେଶ। ଡେଡଲାଇନ୍ ସରିବା ପରେ ଗ୍ରହଣ କରାଯିବନି କୌଣସି ଅନୁରୋଧ। ଆଇସିସି ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ ନକରିବାକୁ ଧମକ ଦେଇଥିଲା ବିସିବି। କିନ୍ତୁ ଯଦି ବାଂଲାଦେଶ ଆଇସିସି ଦ୍ୱାରା ସେମାନଙ୍କୁ ଦିଆଯାଇଥିବା ଅଲଟିମେଟମ ପାଳନ ନକରେ, ତେବେ ଆଇସିସି ବର୍ତ୍ତମାନର ରାଙ୍କିଂ ଆଧାରରେ ଜଣେ ଅଲ୍ଟରନେଟଙ୍କ ନାମ ଦେଇଛି।

## ବାଂଲାଦେଶକୁ ଆଇସିସିର ଚେତାବନୀ

ବାଂଲାଦେଶ ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ପରେ ଦେଶରେ ଅଶାନ୍ତି ପରେ ଜାରି ହୋଇଥିବା ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ, ଆଇପିଏଲ ୨୦୨୬ରୁ ମୁସ୍ତାଫିଜୁର ରହମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ସହିତ ଭାରତ-ବାଂଲାଦେଶ ବିବାଦ ଆରମ୍ଭ ହୋଇଥିଲା।




ଏପର୍ଯ୍ୟନ୍ତ ଏହି ସମସ୍ୟା ସମାଧାନ ହୋଇନାହିଁ।

ଭାରତରୁ ଶ୍ରୀଲଙ୍କାକୁ ସ୍ଥାନ ପରିବର୍ତ୍ତନ ପାଇଁ ସେମାନଙ୍କର ଆବେଦନକୁ ବାଧ୍ୟତାମୂଳକ ନହେଲେ ବିସିବି ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍‌ରୁ ଓହରିଯିବା ପାଇଁ ଆଇସିସିକୁ ଧମକ ଦେବା ଆରମ୍ଭ କରିଥିଲା। ତଥାପି, ଆଇସିସି ଅନେକ ଲଜିଷ୍ଟିକ୍ ସମସ୍ୟା ଦର୍ଶାଇ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା।

ଇ ଏ ସ ଏ ସ ପ ଏ ନ କ୍ରିକଇନଫୋର ଏକ ରିପୋର୍ଟ ଅନୁଯାୟୀ, ଆଇସିସି ବିସିବିକୁ ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ରେ ଏହାର ଅଂଶଗ୍ରହଣ ସମ୍ପର୍କରେ ଏକ ଅଲ୍ଟିମେଟମ ଜାରି କରିଛି। ଜୟ ଶାହଙ୍କ ନେତୃତ୍ୱାଧୀନ ଅନ୍ତର୍ଜାତୀୟ କମିଟି ବୋର୍ଡକୁ ଜଣାଇଛି ଯେ ଜାନୁଆରୀ ୨୧ ତାରିଖ ହେଉଛି ଆଗାମୀ ଟି-୨୦ ବିଶ୍ୱକପରେ ବାଂଲାଦେଶର ସାମିଲ ହେବା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଶେଷ ତାରିଖ।

ରିପୋର୍ଟ ନିଶ୍ଚିତ କରିଛି ଯେ ଢାକାରେ ଆଇସିସି ପ୍ରତିନିଧି ବୈଠକରେ ବିସିବି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହ ଦେଖାଇଥିଲା, କିନ୍ତୁ ଭାରତରେ ନୁହେଁ। ଆଇସିସି ଦ୍ୱାରା ଉଲ୍ଲେଖ କରାଯାଇଥିବା ଏକ ସ୍ୱଷ୍ଟ ଲଜିଷ୍ଟିକ୍ ସମସ୍ୟା ସତ୍ତ୍ୱେ, ବିସିବି ଶ୍ରୀଲଙ୍କାରେ ଏକ ବିକଳ୍ପ ପାଇଁ ଚାପ ପକାଇବା ଜାରି ରଖିଛି।

ବିସିବି ଆଇସିସିକୁ ଆୟର୍ଲାଣ୍ଡ ସହିତ ଗ୍ରୁପ୍ ଅଦଳବଦଳ କରିବାକୁ ଅନୁରୋଧ କରିଥିଲା। ଯାହା ଅଷ୍ଟ୍ରେଲିଆ, ପାକିସ୍ତାନ ଏବଂ ଶ୍ରୀଲଙ୍କା ସହିତ ସମାନ ଗ୍ରୁପ୍ରେ ଅଛି ଏବଂ ସେମାନଙ୍କର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ସୂଚୀବଦ୍ଧ। ତଥାପି, ଆଇସିସି ଏହାକୁ ମଧ ପ୍ରତ୍ୟାଖ୍ୟାନ କରି ବିସିବିକୁ ସଫା କରିଦେଲା। ଯେ ଭାରତରେ କୌଣସି ସୁରକ୍ଷା ବିପଦ ନାହିଁ।

# ଦିଲ୍ଲୀରେ ଭୂକମ୍ପ ଝଟ୍‌କା

**ନୂଆଦିଲ୍ଲୀ,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳେ ରାଜଧାନୀ ଦିଲ୍ଲୀରେ ଭୂମିକମ୍ପର ଝଟକା ଲାଗିଛି। ରିକ୍ଟର ସ୍କେଲରେ ଏହା ୨.୮ ତୀବ୍ରତା ଥିବା ରେକର୍ଡ କରାଯାଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ ଭୂକମ୍ପର କେନ୍ଦ୍ରସ୍ଥଳ ଉତ୍ତର ଦିଲ୍ଲୀରେ ରହିଥିଲା। ଏହା ଭୂମିରୁ ୫କି.ମି ତଳେ ଅନୁଭୂତ ହୋଇଛି। ସୋମବାର ସକାଳେ ଦିଲ୍ଲୀରେ ହୋଇଥିବା ଭୂମିକମ୍ପ ଅତ୍ୟନ୍ତ କମ ତୀବ୍ରତାର ଥିବାରୁ କୌଣସି ସ୍ଥାନରେ କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ଏହା ପ୍ରଥମ ଥର ନୁହେଁ ଯେତେବେଳେ ଦିଲ୍ଲୀରେ ଭୂମିକମ୍ପ ହୋଇଛି। ଜାତୀୟ ରାଜଧାନୀ ଏବଂ ଏନସିଆର ଭୂମିକମ୍ପ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ଦିଲ୍ଲୀ ଭୂକମ୍ପିକ ଜୋନ୍ ୪ରେ ପଡ଼ିଥାଏ, ଯେଉଁଠାରେ ମଧ୍ୟମ ତୀବ୍ରତାର ଭୂମିକମ୍ପ ହେବାର ସମ୍ଭାବନା ଥାଏ।

# କାର୍ ଉପରେ ଚଢ଼ିଗଲା କାର୍



**ଭୁବନେଶ୍ୱର,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ନମ୍ବର ଜାତୀୟ ରାଜପଥର କଟକ-ଭୁବନେଶ୍ୱର ରାସ୍ତାରେ ଦ୍ରୁତ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟିଛି। ପଲାଶୁଣୀ ଛକଠାରେ ଗୋଟିଏ କାର ଉପରେ ଚଢି ଯାଇଛି ଅନ୍ୟ ଏକ କାର। ପରିପାର୍ଶ୍ୱିକ ସ୍ଥିତି ଅନୁସାରେ କଟକରୁ ଭୁବନେଶ୍ୱର ଅଭିମୁଖେ ଦୁଇଟି କାର ଆସୁଥିବା ସମୟରେ ଏହି ଘଟଣା ଘାଟିଥିବା ଜଣାପଡୁଛି। ଓଡି୦୨ଡିଇ୨୨୯୨ ନମ୍ବର ବିଶିଷ୍ଟ ଧୂସର ରଙ୍ଗର ଏକ ଟାଟା ଇଭି କାର ଉପରେ ପଛରୁ ଦ୍ରୁତ ବେଗରେ ଆସୁଥିବା ଓଡି୦୫ୟୁ୨୦୦୩ ନମ୍ବର ବିଶିଷ୍ଟ ସୁଜୁକି କାର ଚଢି ଯାଇଥିଲା। ଫଳରେ ଜଣେ ଚାଳକ ଆହତ ହୋଇଥିବା ସୂଚନା ରହିଛି। ଦୁର୍ଘଟଣାର କିଛି ସମୟ ଯାଏଁ କଟକ-ଭୁବନେଶ୍ୱର ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ କ୍ରେନ ସାହାଯ୍ୟରେ କାର ଦୁଇଟିକୁ ହଟେଇବା ପରେ ସ୍ଥିତି ସ୍ୱାଭାବିକ ହୋଇଛି ।

# ଏସିଡ ପିଇ ମହିଳାଙ୍କ ଆତ୍ମହତ୍ୟା

**ବାଲକାଟି,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାଲକାଟି ପୋଲିସ୍ ଫାଣ୍ଡି ଅଧିନ ପୁରଣ ପଧାନ ଗ୍ରାମ ପଞ୍ଚାୟତ ବୁଦ୍ଧିପଡ଼ା (ବାଆବଜା) ଗ୍ରାମରେ ପାରିବାରିକ କଳହର କରୁଣ ଚିତ୍ର ଦେଖିବାକୁ ମିଳିଛି। ଭାଗିରଥି ରାଉତଙ୍କ ପରିବାରରେ ମା-ପୁଅଙ୍କ ମଧ୍ୟରେ କଥା କଟାକଟି ହେବାରୁ ଅତ୍ୟଧିକ ରାଗରେ ମା ନିଜର ମାନସିକ ଭାରସାମ୍ୟ ହରାଇ ଘରେ ଲାଟିନ ସଫା ପାଇଁ ଥିବା ଏସିଡ ବୋତଲ ଖୋଲି ପିଇ ଦେଇଥିଲେ। ମା'ର ଏତାଦୃଶ କାର୍ଯ୍ୟକୁ ପୁଅ ବିରୋଧ କରିବା ପରିବର୍ତ୍ତେ ସେହି ବୋତଲର ବାକିତକ ଏସିଡ଼କୁ ତତ୍ କ୍ଷଣାତ୍ ପିଇ ଦେଇଥିଲେ । ସାହି ପଡ଼ୋଶୀ ଖବର ପାଇ ସଙ୍ଗେ ସଙ୍ଗେ ତାଙ୍କୁ ବାଲକାଟି ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଦୁହିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡ଼ାକ୍ତର ଅଧିକ ଚିକତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ମା ଲତା ରାଉତ( ୪୬) ଗତକାଲି ମଧ୍ୟ ରାତିରେ ଆଖି ବୁଜିଥିଲେ। ବାଲକାଟି ଫାଣ୍ଡି ଅଧିକାରୀ ପହଞ୍ଚି ଶବ ଜବତ କରିବା ସହ ଆଜି ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି। ପୁଅ ଏବେ ବିପଦ ମୁକ୍ତ ଅଛନ୍ତି। ଭାଗରଥି ବୃତ୍ତିରେ ଜଣେ ରାଜମିସ୍ତ୍ରୀ। କିଛି ବର୍ଷ ତଳେ ଏକ ସଡକ ଦୁର୍ଘଟଣାରେ ବଡ଼ ପୁଅକୁ ହରାଇ ଥିଲେ। ଆଜି ସ୍ତ୍ରୀଙ୍କୁ ହରାଇ ଘୋର ଦୁଃଖରେ ଭାଙ୍ଗି ପଡିଛନ୍ତି।

# ସ୍ୱଷ୍ଟ ଦିବାଲୋକରେ ପରିବାରର ୪ ଜଣଙ୍କୁ ହତ୍ୟା

**ନୂଆଦିଲ୍ଲୀ,୧୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଅପରାହ୍ନରେ ଉତ୍ତରପ୍ରଦେଶର ଏଟା ଜିଲାରେ ଏକ ଭୟଙ୍କର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ନଗର କୋତଓ୍ୱାଲି ଅଞ୍ଚଳର ଅଧିକାର କ୍ଷେତ୍ର ଅନ୍ତର୍ଗତ ନାଗଲା ପ୍ରେମୀ ଗାଁରେ ଏକ ବୃଦ୍ଧ ଦମ୍ପତି, ସେମାନଙ୍କ ବୋହୂ ଏବଂ ନାତୁଣୀଙ୍କୁ ସ୍ୱଷ୍ଟ ଦିବାଲୋକରେ ନିର୍ମମ ଭାବରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏକ ଭାରୀ ଜିନିଷ ଲଦି ମାରି ଦେଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବର୍ତ୍ତମାନ ତଦନ୍ତ କରୁଛି। ଏହି ଘଟଣା ଗାଁରେ ଉତ୍ତେଜନା ସୃଷ୍ଟି କରିଛି।



ନଗର କୋତଓ୍ୱାଲି ଅଞ୍ଚଳର ଅଧିକାର କ୍ଷେତ୍ର ଅନ୍ତର୍ଗତ ନାଗଲା ପ୍ରେମୀ ଗ୍ରାମରେ ଗଙ୍ଗା ସିଂହ ତାଙ୍କ ପରିବାର ସହିତ ରହୁଥିଲେ। ଗଙ୍ଗା ସିଂହଙ୍କ ବ୍ୟତୀତ ତାଙ୍କ ସ୍ତ୍ରୀ, ବୋହୂ, ନାତି ଏବଂ ନାତୁଣୀ ମଧ ଘଟଣାସ୍ଥଳରେ ଉପସ୍ଥିତ ଥିଲେ, ଯେତେବେଳେ ତାଙ୍କ ପୁଅ ବାହାରେ କାମ କରୁଥିଲେ। ସୋମବାର ଦିନ ଗଙ୍ଗା ସିଂହ ମଧ୍ୟାହ୍ନ ସମୟରେ ତାଙ୍କ ଦୋକାନରୁ ଘରକୁ ଫେରିଥିଲେ। ଅଜ୍ଞାତ ଆକ୍ରମଣକାରୀମାନେ ଗଙ୍ଗା ସିଂହ, ତାଙ୍କ ସ୍ତ୍ରୀ ଶ୍ୟାମା ଦେବୀ, ବୋହୂ ରତ୍ନା ଏବଂ ନାତୁଣୀ ଜ୍ୟୋତିଙ୍କୁ ଆକ୍ରମଣ କରିଥିଲେ। ସମସ୍ତଙ୍କ ମୁଣ୍ଡକୁ କୌଣସି ଭାରୀ ଜିନିଷରେ ଆକ୍ରମଣ କରାଯାଇଥିଲା। ଯାହା ଫଳରେ ଗଙ୍ଗା ସିଂହ, ତାଙ୍କ ବୋହୂ ରତ୍ନା ଏବଂ ନାତୁଣୀ ଜ୍ୟୋତିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲାବେଳେ ତାଙ୍କ ସ୍ତ୍ରୀ ଶ୍ୟାମା ଦେବୀ ଗୁରୁତର ଆହତ ହୋଇଥିଲେ।

ଅପରାଧ କରିବା ପରେ ଆକ୍ରମଣକାରୀମାନେ ସହଜରେ ଖସି ପଳାଇଗଲେ। ଏହି ସମୟରେ, ନାତି ସ୍କୁଲ ପରେ ଘରକୁ ପହଞ୍ଚିଲା। ଦ୍ୱାର ଖୋଲା ଥିବାରୁ ସେ ସିଧା ଭିତରକୁ ପଶିଗଲା, କିନ୍ତୁ ଭିତରର ଦୃଶ୍ୟ ଦେଖି ସେ ଚିତ୍କାର କଲା। ସେ ଚିତ୍କାର କରି ଘରୁ ବାହାରକୁ ଦୌଡ଼ି ପଳାଇଲା। ଚିତ୍କାର ଶୁଣି ପଡ଼ୋଶୀମାନେ ଏକାଠି ହେଲେ। ଯେତେବେଳେ ସେମାନେ ଭିତରକୁ ଗଲେ, ସେମାନେ ଗଙ୍ଗା ସିଂହଙ୍କ ମୃତଦେହ ବିଛଣାରେ ପଡ଼ିଥିବା ଦେଖିଲେ ଓ ତାଙ୍କ ବୋହୂ ରତ୍ନା ଏବଂ ନାତୁଣୀ ଜ୍ୟୋତିଙ୍କ ମୃତଦେହ ତଳେ ପଡ଼ିଥିଲା। ତେବେ ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କିଏ ଏବଂ କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ୱଷ୍ଟ ହୋଇପାରି ନାହିଁ।

# ସିଡ଼ିଏରେ ଫାଟିଲା ଗ୍ୟାସ ପାଇପ ଲାଇନ

**କଟକ,୧୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫାଟିଲା ଗ୍ୟାସ ପାଇପ ଲାଇନ। ସ୍ଥାନୀୟ ସିଡ଼ିଏ ୧୦ରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପାଇପ ଲାଇନ ଫାଟି ଗ୍ୟାସ ଲିକ୍ ହୋଇଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ଗ୍ୟାସ ପାଇପ କଂପାନୀ ପହଞ୍ଚି ଗ୍ୟାସ ଲିକକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ । ସୂଚନା ଅନୁଯାୟୀ, ସ୍ଥାନୀୟ ସିଡ଼ିଏ-୧୦ ନମ୍ବର ପରିବା ମାର୍କେଟ ନିକଟରେ ଜେସିବି ମାଟି ଖୋଳିଲାବେଳେ ପାଇପ ଫାଟି ଗ୍ୟାସ ଲିକ ହୋଇଥିଲା। ମାର୍କେଟ ନିକଟରେ ଥିବା ପେଟ୍ରୋଲ ପମ୍ପ ପରିସରରେ ଗଛକଟା ଓ ଗାତଖୋଳାବେଳେ ଡ୍ରୋଜର ମାଡ଼ରେ ଦେଢ଼ ମିଟର ମାଟିତଳେ ଥିବା ଗ୍ୟାସ ପାଇପ ଫାଟି ଯାଇଥିଲା । ଏହାପରେ ଗ୍ୟାସ ଲିକ ହୋଇ ଉପରକୁ ଉଠିଥିଲା। ଗ୍ୟାସ ଲିକ ହେଉଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ଏହି ଅଘଟଣ ଯୋଗୁଁ ସ୍ଥାନୀୟ ଅଂଚଳରେ ଦୈନନ୍ଦିନ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଥିଲା । ଦୋକାନଗୁଡ଼ିକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା। ପ୍ରଭାବିତ ଅଂଚଳ ନିକଟରେ ଯାତାୟତ ଧୀର ହୋଇ ଯାଇଥିଲା। କର୍ତ୍ତୁପକ୍ଷ ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ ରହିବାକୁ ଓ ମରାମତି ସଂପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଉକ୍ତ ସ୍ଥାନକୁ ଏଡାଇ ଯିବାକୁ ଅନୁରୋଧ କରିଥିଲେ । ପରେ ୨ ଘଣ୍ଟାର ମରାମତି ପରେ ଗ୍ୟାସ ସପ୍ଲାଏ ସ୍ୱଭାବିକ ହୋଇଥିଲା । କେମିତି ଡ୍ରୋଜର ଲଗାଇ ପେଟ୍ରୋଲ ପମ୍ପ କର୍ତ୍ତୁପକ୍ଷ ଗାତ ଖୋଳିଲେ ଓ କାହାଠାରୁ ଅନୁମତି ନେଇଥିଲେ, ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆୟୁଷ୍ମାନ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ ସମ୍ପର୍କରେ ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ଯୋଜନାର କାର୍ଯ୍ୟାନ୍ୱୟନ, କାର୍ଡ ତିଆରି ପ୍ରକ୍ରିୟା ଓ ଡିଜିଟାଲ୍ ସୁବିଧା ନେଇ ଆଲୋଚନା କରାଯାଇଛି। ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କୀତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ। ଆୟୁଷ୍ମାନ ଯୋଜନାକୁ ନେଇ ସମସ୍ତ ସମସ୍ୟାର ସମାଧାନ ଆସନ୍ତା ୩ ଦିନରେ ହେବ। ଯେଉଁ ଯୋଗ୍ୟ ଲାଭାର୍ଥୀ ମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ୍ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ। ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସମ୍ପର୍କୀତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ। ଏଥିପାଇଁ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ଓ ସହଜଗମ୍ୟ କରାଯିବ ବୋଲି ଆଶା କରାଯାଉଛି।

# ଆରମ୍ଭ ହେବ 'ଗୋଟିଏ ଦିନ କମିଶନରଙ୍କ ସହ' କାର୍ଯ୍ୟକ୍ରମ

**କଟକ,୧୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭବିଷ୍ୟତପିଢ଼ିକୁ ପ୍ରେରଣା ଦେବା ଓ ଯୁବ ମନସ୍ତତ୍ତ୍ୱରେ ନେତୃତ୍ୱର ଭାବନା ଗଢିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଏକ ନୂଆ ଓ ଅଭିନବ ଛାତ୍ର-ସଲଗ୍ନତା କାର୍ଯ୍ୟକ୍ରମ 'ଗୋଟିଏ ଦିନ କମିଶନରଙ୍କ ସହ' ଆରମ୍ଭ କରାଯାଉଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କଟକ ମହାନଗର ଅନ୍ତର୍ଗତ ଯେକୌଣସି ସ୍କୁଲର ଜଣେ ଛାତ୍ର କିମ୍ବା ଛାତ୍ରୀ ସିଏମସି କମିଶନର କିରଣଦୀପ କୌର ସହୋତାଙ୍କ ସହିତ ଗୋଟିଏ ସଂପୂର୍ଣ୍ଣ କାର୍ଯ୍ୟ ଦିନ କଟାଇବାର ସୁଯୋଗ ପାଇବେ । ଏହି କାର୍ଯ୍ୟକ୍ରମରେ ସିଏମସି ଅଧୀନରେ ଥିବା ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିପାରିବେ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ସିଏମସିର ୱେବସାଇଟରେ ଉପଲବ୍ଧ ଗୁଗୁଲ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ସଂପର୍କିତ ସମସ୍ତ ବିସ୍ତୃତ ସୂଚନା ଏହି ଫର୍ମରେ ଉଲ୍ଲେଖ ରହିଛି ବୋଲି ସିଏମସି ପକ୍ଷରୁ ଏକ ପ୍ରେସ ବାର୍ତ୍ତା

## ଛାତ୍ରଛାତ୍ରୀଙ୍କ ପାଇଁ ସିଏମସିର ନୂଆ ପଦକ୍ଷେପ

ମାଧ୍ୟମରେ ସୂଚନା ଦିଆଯାଇଛି ।

ଚୟନ ପ୍ରକ୍ରିୟାରେ ଅଂଶ ଭାବେ ଛାତ୍ରଛାତ୍ରୀମାନେ ୫୦ ମାର୍କର ଏକ ଲିଖିତ ପରୀକ୍ଷା ଦେବେ । ଏଥିରେ ଦିଆଯାଇଥିବା ୫ଟି ବିଷୟ ମଧ୍ୟରୁ ଗୋଟିଏ ବିଷୟ ଚୟନ କରି ଓଡ଼ିଆ ଭାଷାରେ ୮୦୦ରୁ ୧୦୦୦ଶବ୍ଦ ମଧ୍ୟରେ ଏକ ନିବନ୍ଧ ଲେଖିବାକୁ ପଡ଼ିବ । ସେହି ଲେଖାଟିକୁ ୧ ଏମବି ରୁ କମ ଆକାରରେ ଫାଇଲ ଭାବେ ୱେବସାଇଟରେ ଅପଲୋଡ଼ କରିବାକୁ ହେବ। ଏହା ସହ ବିଭିନ୍ନ ସହ ପାଠ୍ୟକ୍ରମ କାର୍ଯ୍ୟକଳାପ-ଏନସିସି-ସ୍କାଉଟ ଆଣ୍ଡ ଗାଇଡ଼, ଏନଏସଏସ, ସାମାଜିକ ସଚେତନତା କାର୍ଯ୍ୟରେ ଅଂଶଗ୍ରହଣ, ରେଡ଼କ୍ରସ, କ୍ରୀଡ଼ା କ୍ଷେତ୍ରରେ ଉପଲବ୍ଧ, ବିଜ୍ଞାନ ସମ୍ବନ୍ଧୀୟ ନୂଆ ପ୍ରକଳ୍ପ, ସାଂସ୍କୃତିକ ଓ ଅଭିନବ କାର୍ଯ୍ୟକଳାପ, ଡିଜିଟାଲ ସ୍ୱାକ୍ଷରତା ଓ ସାଇବର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ, ବିପର୍ଯ୍ୟୟ ପରିଚାଳନା ସଚେତନତାରେ ଅଂଶ ଗ୍ରହଣ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳାରେ ଯୋଗଦାନ, ବକ୍ତୃତା, ସଂଗୀତ, ନୃତ୍ୟ, ଚିତ୍ରକଳା, ଅଭିନୟ, ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ, ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ କମିଟି କିମ୍ବା କ୍ଲବରେ ନେତୃତ୍ୱ ପ୍ରଭୃତି ୧୦ଟି ବର୍ଗରେ ୫୦ମାର୍କର ପ୍ରାବଧାନ ରହିବ । ମନୋନୀତ ହୋଇଥିବା ଛାତ୍ରଛାତ୍ରୀ କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନଗର ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀକୁ ନିକଟରୁ ଦେଖିବେ। ସେ ରିଭ୍ୟୁ ବୈଠକରେ ଅଂଶ ଗ୍ରହଣ କରିବେ, ସହର ପରିଚାଳନା ବିଷୟରେ ଅବଗତ ହେବେ। ସ୍ୱଚ୍ଛତା ଓ ଅବଶିଷ୍ଟ ପରିଚାଳନା ସଂପର୍କିତ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ସଂପୂର୍ଣ୍ଣ ଦିନ ଧରି ସେ କମିଶନରଙ୍କ କାର୍ଯ୍ୟ ଦାୟିତ୍ୱ ନିକଟରୁ ଅନୁଭବ କରିପାରିବେ ବୋଲି ସିଏମସି ପକ୍ଷରୁ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସ୍ୱପ୍ନ ଦେଖିବା, ଦାୟିତ୍ୱବୋଧ ଗଢ଼ିବା ଓ ପ୍ରଶାସନିକ ସେବା ପ୍ରତି ଆକର୍ଷିତ କରିବାରେ ସାହାଯ୍ୟ କରିବ ବୋଲି ସିଏମସି କମିଶନର କିରଣଦୀପ କୌର ସହୋତା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଅଫିସ ଭିତରେ...

ଡିଜିପି ଅଫିସ ଭିତରୁ ହିଁ ଏସବୁ ଦୃଶ୍ୟକୁ ଗୁପ୍ତ ଭାବେ ରେକର୍ଡ କରାଯାଇଛି। ଡ୍ୟୁଟି ସମୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଏପରି ଆଚରଣ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଉପଲବ୍ଧ ଥିବା ସୂଚନା ଅନୁସାରେ, ମହିଳାମାନେ ବିଭିନ୍ନ ସମୟରେ ଓ ବିଭିନ୍ନ ପୋଷାକ ପରିଧାନ କରି ଡିଜିପିଙ୍କୁ ଭେଟିବାକୁ ତାଙ୍କ ଚ୍ୟାମ୍ବରକୁ ଆସିଥିଲେ। ଅଫିସ ଭିତରେ ଶ୍ରୀ ରାଓ ସେମାନଙ୍କୁ ନିଜ ଆସନ ପାଖକୁ ଡାକି ରୋମାନ୍ସ କରୁଥିବା ଭିଡିଓରେ ଦେଖାଯାଉଛି।

ଯଦିଓ ଏହି ଘଟଣା ନେଇ ମହିଳମାନେ କୌଣସି ଅଭିଯୋଗ କିମ୍ବା ଆପତ୍ତି କେହି ବି କରି ନାହାନ୍ତି, କିନ୍ତୁ ଗୋଟିଏ ସରକାରୀ ଅଫିସ ଓ ଡ୍ୟୁଟି ସମୟରେ ଏପରି ଆଚରଣ ପୁଲିସ୍ ବିଭାଗକୁ ବିବାଦରେ ଛିଡା କରିଛି। ଏହା ସଂସ୍ଥାନର ନିୟମ ଓ ପ୍ରଫେସନାଲ ଆଚରଣର ବିରୋଧାଚରଣ କରୁଥିବା ଅନେକ ମତ ରଖିଛନ୍ତି।

ବିବାଦ ତୀବ୍ର ହେବା ପରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଫୁଟେଜ ଦେଖି ବେଶ ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ ହେବା କେମିତି ପୁଲିସ୍ ପ୍ରତିଷ୍ଠାନ ମଧ୍ୟରେ ଏପରି ଘଟଣା ଘଟିଲା, ତା'ର ବିସ୍ତୃତ ସୂଚନା ମାଗିଛନ୍ତି। ଘଟଣାରେ କେତେ ସତ୍ୟତା ରହିଛି, ତା'କୁ ମଧ ଜାଣିବାକୁ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ।

ଅନ୍ୟପକ୍ଷରେ ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲେ ହେଁ ସମସ୍ତ ପ୍ରକାରର ଅଭିଯୋଗକୁ ଖଣ୍ଡନ କରିଛନ୍ତି ଡକ୍ଟର ରାମଚନ୍ଦ୍ର ରାଓ। କେହି ଏପରି ଫଟୋ ଓ ଭିଡିଓକୁ ବିକୃତ କରି ପୋଷ୍ଟ କରିଥିବା ସେ ସଫେଇ ଦେଇଛନ୍ତି। ତାଙ୍କ କହିବା କଥା ଯେ ତାଙ୍କୁ ଜାଣିଶୁଣି ଟାର୍ଗେଟ କରାଯାଉଛି। ଭାଇରାଲ ହେଉଥିବା ଭିଡିଓକୁ ବିକୃତ କରି ପ୍ରଦର୍ଶନ କରାଯାଇଛି। ଏହି ପ୍ରସଙ୍ଗରେ ସେ ତାଙ୍କ ଓକିଲଙ୍କ ସହ କଥା ହେବା ପରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

### ଏଆଇ ଭିଡ଼ିଓରେ...

କରାଯାଇଛି। ଆଉ ବିଶାଳ ମୂର୍ତ୍ତି ଉପରେ ଏକ କ୍ରେନ୍ ସାହାଯ୍ୟରେ କ୍ଷୀର ଢଳାଯାଉଛି। ସୋସିଆଲ ମିଡିଆ ସାଇଟ୍ ଇନଷ୍ଟାଗ୍ରାମରେ ଜାଲା ବିସଭରାଜ ସିଂ ଆଇଡିରେ ଏପରି ଏକ ଭିଡିଓ ଅପଲୋଡ୍ କରାଯାଇଛି।

ସେହିପରି ଶ୍ରୀଜୀଉଙ୍କ ଅନେକ ଫଟୋ ମଧ ସୋସଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ଶୀତବସ୍ତ୍ର ପିନ୍ଧିଥିବା ଶ୍ରୀଜୀଉ ବଡଦାଣ୍ଡ ସମ୍ମୁଖରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଶ୍ରୀଜୀଉଙ୍କ ଏପରି ଫଟୋ ଓ ଭିଡିଓକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭକ୍ତ।

### ସରିଲା କୁମ୍ଭୀର...

ପର୍ଯ୍ୟଟକମାନଙ୍କ ପାଇଁ ଜାନୁୟାରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନକୁ ବନ୍ଦ କରାଯାଇଥିଲା । ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ପ୍ରାଣୀ ବିଜ୍ଞାନୀ ଡଃ ଶିବପ୍ରସାଦ ପରିଡା, ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ ଓ ମାନସକୁମାର ଦାସ, ରାଜନଗର ରେଂଜ ଅଫିସର ଚିତରଂଜନ ବେଉରା, ମହାକାଳପଡା ରେଂଜ ଅଫିସର ଶାନ୍ତନୁକୁମାର ଦଳାଇ ଓ ଗହୀରମଥା ରେଂଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କୁମ୍ଭୀର ଗଣନା କରାଯାଇଥିଲା । ଚଳିତବର୍ଷ ହାଚେଲିଂ (ଛୋଟ ୨ଫୁଟିଆ )-୫୩୧, ୟାର୍ଲେଲିଂ (ବର୍ଷିକିଆ ୨ଫୁଟ ରୁ ୩ଫୁଟ) -୪୪୨, ଜୁଭେନାଇଲ (୩ଫୁଟ ରୁ ୬ଫୁଟ) - ୩୬୫, ସବଆଡଲ୍ଟ (୬ଫୁଟ ରୁ ୮ଫୁଟ)-୧୬୭, ଆଡଲ୍ଟ (୮ ଫଟରୁ ଉର୍ଦ୍ଧ୍ୱ)- ୩୫୩ଟି କୁମ୍ଭୀର ଗଣନା କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ଗାଓଁକର ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ, ୨୦୦୯-୧୦ରେ ୧୬୧୦, ୨୦୧୦-୧୧ରେ ୧୬୫୪, ୨୦୧୧-୧୨ରେ ୧୬୪୬, ୨୦୧୨-୧୩ ରେ ୧୬୪୯, ୨୦୧୩-୧୪ ରେ ୧୬୬୫, ୨୦୧୫-୧୬ରେ ୧୬୭୧, ୨୦୧୬-୧୭ରେ ୧୬୮୨, ୨୦୧୭-୧୮ରେ ୧୬୯୮, ୨୦୧୮-୧୯ ରେ ୧୭୪୨, ୨୦୧୯-୨୦ରେ ୧୭୫୭, ୨୦୨୦-୨୧ରେ ୧୭୬୮, ୨୦୨୧-୨୨ରେ ୧୭୮୪, ୨୦୨୨-୨୩ରେ ୧୭୯୩, ୨୦୨୩-୨୦୨୪ରେ ୧୮୧୧, ୨୦୨୪-୨୦୨୫ରେ ୧୮୨୬ଟି କୁମ୍ଭୀର ଗଣନା କରାଯାଇଥିଲା।

### ବାଥରୁମ୍‌ରେ ଶିଶୁ...

କରାଯାଇନଥିବା ବେଳେ ଡ୍ୟୁଟିରେ ଥିବା କର୍ମଚାରୀ ମଧ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ତେବେ କିଏ କେଉଁ ପରିସ୍ଥିତିରେ ନବଜାତକୁ ଛାଡି ପଳାଇଛନ୍ତି, ସେ ନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛି।

### ଆଗକୁ ଆହୁରି...

ଏବେ ଅନ୍ୟ ବିଭାଗରେ ଯେତେ ଦେଖିବାକୁ ମିଳୁଛି ତାହା ତୁଳନାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଅଧିକ ବାରିହୋଇ ପଡୁଛି।

ରାଜ୍ୟରେ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକ କମ୍ପ୍ୟୁଟର ଉପଯୋଗ କରିବା ପରଠାରୁ ସେମାନଙ୍କ ସଂସ୍ଥାରେ ବି ନିଯୁକ୍ତି ସମ୍ଭାବନା କମିଛି । ଏବେ ଏଆଇ ଉପଯୋଗ କରିବାପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡିକ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ଏହା ଫଳରେ କମ୍ ଲୋକରେ ବେଶିକାମ କରାଇ ବ୍ୟବସାୟିକ ସଂସ୍ଥାଗୁଡିକ ବେଶ୍ ମୁନାଫା ଉଠାଇବେ ଏବଂ ସରକାରୀକଳ ଉପରେ ତାହାର ପ୍ରଭାବ ପଡିବ ବୋଲି ଅର୍ଥନୀତି ବିଶାରଦମାନେ ବାରମ୍ବାର ଚେତାବନୀ ଦେଉଛନ୍ତି । ଏହାକୁ ଆଖିଆଗରେ ରଖି ଏବେ ଅନେକ ବୈଷୟିକ ଶିକ୍ଷାନୁଷ୍ଠାନରେ ଏଆଇ ପାଠ୍ୟକ୍ରମ ଚାଲୁଛି ।

ଏହାଛଡା ସ୍ୱତନ୍ତ୍ର ଭାବରେ ମଧ ଏଆଇ ତାଲିମ ଦିଆଯାଉଛି । ୨୦୩୦ ବେଳକୁ ବସ୍ତୁତଃ ବିଭିନ୍ନ କ୍ଷେତ୍ରରେ ଏଆଇର ରାଜୁତି ଚାଲୁଥିବ ଏବଂ କର୍ମନିଯୁକ୍ତି ସମ୍ଭାବନା ସଙ୍କୁଚିତ ହୋଇ ବେକାରୀ ଓ ବେରୋଜଗାରୀ ବହୁ ପରିମାଣରେ ବୃଦ୍ଧି ପାଇବ ବୋଲି ଅର୍ଥନୀତି ବିଶାରଦମାନେ ଯେଉଁ ଆଶଙ୍କାବ୍ୟକ୍ତ କରୁଛନ୍ତି ତାହାକୁ ଗୁରୁତ୍ୱର ସହ ଏବେଠାରୁ ନନେଲେ ଉଭୟ ରାଜ୍ୟ ଓ ଦେଶର ସମସ୍ୟା ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ଦେଶରେ ସମବାୟର ଯାଦୁ: ସାଢ଼େ ୬ଲକ୍ଷ ସକ୍ରିୟ ସଂଘରେ ୩୨ କୋଟି ସଦସ୍ୟ

# ସମବାୟରୁ ସମୃଦ୍ଧି ବ୍ୟବସ୍ଥାରୁ ଓଡ଼ିଶା ଲାଭ ନେଇପାରିବ ତ ?

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସମବାୟ ଆନ୍ଦୋଳନ ୨୦୨୫ ଆନ୍ତର୍ଜାତୀୟ ସମବାୟ ବର୍ଷରେ ଏକ ଐତିହାସିକ ଅଧ୍ୟାୟ ଲେଖିଛି। ଏହା ଏକୀକରଣ, ବିସ୍ତାର ଓ ସୁଧାରର ବର୍ଷ ଭାବରେ ଚିହ୍ନିତ ହୋଇଛି।

ବସୁଧୈବ କୁଟୁମ୍ବକମର ସଭ୍ୟତାଗତ ଆଦର୍ଶ ଓ 'ସମବାୟରୁ ସମୃଦ୍ଧି'ର ଦୃଷ୍ଟିକୋଣରେ ପରିଚାଳିତ ସମବାୟସଂସ୍ଥାଗୁଡ଼ିକ ଆଜି ଭାରତର ଗ୍ରାମୀଣ ଅର୍ଥନୀତି, ସାମାଜିକ ସମାବେଶ ଓ ତୃଣମୂଳ ସେବାର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ଜାତୀୟ ସମବାୟ ଡାଟାବେସ୍ ଅନୁଯାୟୀ, ଦେଶରେ ୮.୫ ଲକ୍ଷରୁ ଅଧିକ ପଞ୍ଜୀକୃତ ସମବାୟ ସଂସ୍ଥା ରହିଛି, ଯେଉଁଥିରୁ ୬.୬ ଲକ୍ଷ ସକ୍ରିୟ। ଏହା ୩୦ଟି କ୍ଷେତ୍ରରେ ୩୨ କୋଟି ସଦସ୍ୟଙ୍କୁ ସେବା ଦେଉଛି ଏବଂ ପ୍ରାୟ ସମଗ୍ର ଗ୍ରାମୀଣ ଭାରତକୁ ଆଚ୍ଛାଦିତ କରିଛି।

ମହିଳାଙ୍କ ଅଂଶଗ୍ରହଣ ଏହି ବିକାଶର ମୁଖ୍ୟ ଆକର୍ଷଣ। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରାୟ ୧୦ କୋଟି ମହିଳା ସମବାୟ ସହିତ ଯୋଡ଼ି ହୋଇଛନ୍ତି। କୃଷି, ଗୋପାଳନ, ମତ୍ସ୍ୟଚାଷ ଠାରୁ ବ୍ୟାଙ୍କିଂ, ଗୃହ ଓ ଖୁଚୁରା ବ୍ୟବସାୟ ପର୍ଯ୍ୟନ୍ତ ସମବାୟ ବିଶ୍ୱର ସର୍ବ ବୃହତ ସଂଗଠିତ ଅର୍ଥନୈତିକ ନେଟୱାର୍କ ଭାବେ ଉଭା ହୋଇଛି।

ପ୍ରାଥମିକ କୃଷି ଋଣ ସମିତି (ପିଏସିଏସ୍)କୁ ପୁନର୍ଜୀବିତ କରିବା ଏହି ବର୍ଷର ବଡ଼ ଉଦ୍ୟମ। ନୂତନ ମଡେଲ୍ ଉପ-ନିୟମ ଦ୍ୱାରା ପିଏସିଏସଗୁଡ଼ିକୁ ୨୫ଟିରୁ ଅଧିକ ବ୍ୟବସାୟ କ୍ଷେତ୍ର ଖୋଲି ଦିଆଯାଇଛି। ଜାତୀୟ କମ୍ପ୍ୟୁଟରାଇଜେସନ୍ କାର୍ଯ୍ୟକ୍ରମରେ ୭୯,୦୦୦ରୁ ଅଧିକ ପିଏସିଏସ୍ ଇଆର୍‌ପି ପ୍ଲାଟଫର୍ମରେ ସଂଯୁକ୍ତ। ୫୯,୦୦୦ରୁ ଅଧିକ ଇଆର୍‌ପି ବ୍ୟବହାର କରୁଛନ୍ତି, ୬୫,୦୦୦ରେ ହାର୍ଡୱେୟାର୍ ପହଞ୍ଚିଛି, ୪୨,୦୦୦ରେ ଅନ୍ଲାଇନ୍ ଅଡିଟ୍ ହୋଇଛି ଏବଂ ୩୨,୦୦୦ ପୂରାପୂରି ଇ-ପିଏସିଏସ୍ ହୋଇଛନ୍ତି। ଏହା କ୍ଷିପ୍ରତା, ସ୍ୱଚ୍ଛତା ଓ ରିୟଲ୍-ଟାଇମ୍ ରିପୋର୍ଟିଙ୍ଗ୍ ଆଣିପାରିଛି।

୩୨,୦୦୦ରୁ ଅଧିକ ନୂତନ ବହୁମୁଖୀ ପିଏସିଏସ୍, ଡେୟାରୀ ଓ ମତ୍ସ୍ୟ ସମବାୟ ପଞ୍ଜୀକୃତ। ପ୍ରତ୍ୟେକ ପଞ୍ଚାୟତ ଓ ଗାଁକୁ ଆଚ୍ଛାଦନ କରିବା ଲକ୍ଷ୍ୟ। ପିଏସିଏସଗୁଡ଼ିକ ଏବେ ବହୁ-ସେବା କେନ୍ଦ୍ର – ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର, ଜନଔଷଧି, ଇନ୍ଧନ ଆଉଟଲେଟ୍, ସିଏସ୍ସି ଭାବରେ କାର୍ଯ୍ୟ କରୁଛନ୍ତି। ଏଫପିଓ ଓ ଏଫ୍‌ଏଫପିଓ ମାଧ୍ୟମରେ କୃଷକ ଓ ମତ୍ସ୍ୟଜୀବୀଙ୍କୁ ବଜାର, ପ୍ରକ୍ରିୟାକରଣ ଓ ଋଣ ମିଳୁଛି। ରୁପେ କିଶାନ କ୍ରେଡିଟ୍ କାର୍ଡ ଗ୍ରାମରେ ଉଦ୍ୟମୀତା ବଢ଼ାଇଛି।

ସମବାୟ କ୍ଷେତ୍ରରେ ବିକେନ୍ଦ୍ରୀକୃତ ଶସ୍ୟ ଭଣ୍ଡାର ଯୋଜନାରେ ଶତାଧିକ ପିଏସିଏସ୍‌ରେ ୬୮,୦୦୦ ଏମଟି କ୍ଷମତା ସୃଷ୍ଟି। ହ୍ୱାଇଟ୍ ରେଭୋଲ୍ୟୁସନ୍ ୨.୦ରେ ୨୦,୦୦୦ରୁ ଅଧିକ ନୂତନ ଡେୟାରୀ ସମବାୟ ଗଠିତ।

ନ୍ୟାସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍ ଭରତ ଅର୍ଗାନିକ୍ସ ଲେବଲ୍ ଅନ୍ତର୍ଗତ ଅର୍ଗାନିକ ଚାଷ ଏବଂ ମାର୍କେଟିଂକୁ ଏକୀକୃତ କରିଛି। ନ୍ୟାସନାଲ କୋଅପରେଟିଭ ରପ୍ତାନି ଲିମିଟେଡ୍ ସମବାୟ ଉତ୍ପାଦକୁ ବିଶ୍ୱବଜାରକୁ ନେଇ ପ୍ରାୟ ୧୪ ଲକ୍ଷ ମେଟ୍ରିକ୍ ଟନ୍ କୃଷିଜାତ ଦ୍ରବ୍ୟ ରପ୍ତାନି କରି ୫,୫୦୦ କୋଟିରୁ ଅଧିକ ଟଙ୍କା ସଦସ୍ୟଙ୍କ ମଧ୍ୟରେ ଡିଭିଡେଣ୍ଡ ବଣ୍ଟନ କରିଛି। ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ, ବୃହତ୍ ତାଲିମ ଓ ଏନ୍‌ସିଡିସିଙ୍କ ୯୫,୦୦୦ କୋଟିର ଋଣ ଆବଣ୍ଟନ। କର ରିହାତି, ଚିନି ମିଲ୍ ପୁନରୁଜ୍ଜୀବନ ଓ ନ୍ୟାଶନାଲ୍ କୋଅପରେସନ୍ ପଲିସି ୨୦୨୫ ସେକ୍ଟରକୁ ମଜବୁତ କରିଛି।

ଏହି ସମସ୍ତ ପଦକ୍ଷେପ ସମବାୟକୁ ଆଧୁନିକ, ସ୍ୱଚ୍ଛ ଓ ବହୁମୁଖୀ ସଂସ୍ଥା ଭାବରେ ପୁନଃସ୍ଥାପନ କରିବା ଲକ୍ଷ୍ୟ ସହ ଜଡ଼ିତ। ତେବେ ଜାତୀୟ ସ୍ରୋତରେ ଓଡ଼ିଶା କେତେଦୂର ସାମିଲ ହୋଇ ସୁଫଳ ପାଇପାରିବ ତାହା ସମବାୟ ଆନ୍ଦୋଳନ ସହ ସଂପୃକ୍ତ ସମସ୍ତଙ୍କ ଆନ୍ତରିକତା ଓ ନିଷ୍ଠା ଉପରେ ନିର୍ଭରଶୀଳ ବୋଲି ମତ ପ୍ରକାଶ ପାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ